# CBSE
# Sample Question Paper, 2025-26
## CLASS - X
## ODIA (013)

Time Allowed - 3 Hrs Maximum Marks - 80

**General Instruction :**

1. The Question Paper has total 14 questions and 6 printed pages.
2. It is divided into 4 Sections: -
   - Section-A: Question No. 1- 01 Question - 10 Marks
   - Section-B: Question No. 2 and 3 - 02 Questions-12 Marks
   - Section-C: Question No. 4 to 7 - 04 Questions -10 Marks
   - Section-D: Question No. 8 to 14 - 07 Questions -48 Marks
3. Attempt the questions as per specific instruction.
4. Write down the serial number of the questions in the answer book before attempting it.
5. 15 minutes time has been allotted to read this question paper. The question paper will be distributed at 10.15 am. From 10.15 a.m to 10.30 a.m, the students will read the question paper only and will not write any answer on the answer book during this period.

## SECTION- A

1. ନିମ୍ନ ଅନୁଚ୍ଛେଦଟିକୁ ପଢ଼ି ପ୍ରଦତ୍ତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ । 5 x 2 =10

ବୁଦ୍ଧିଜୀବୀମାନେ ଜାତୀୟ ସ୍ରୋତରୁ ଅଲଗା ରହିବା ଉଚିତନୁହେଁ ବୋଲି ଅନେକ ମତପ୍ରକାଶ କରୁଛନ୍ତି । ବୁଦ୍ଧିଜୀବୀ ଅର୍ଥ ଯେଉଁମାନେ ବୁଦ୍ଧିକୁ ଜୀବିକା କରି ନିଜର ଜୀବନ ନିର୍ବାହ କରୁଛନ୍ତି । ଏହି ଦୃଷ୍ଟିରୁ ବିଚାର କଲେ ଯେଉଁମାନେ କିଛିକିଛି ପାଠ ପଢ଼ି ଚାକିରି କରି ନିଜର ରୋଜଗାର ପନ୍ଥା ସ୍ଥିର କରିଛନ୍ତି ସେମାନେ କେବଳ ବୁଦ୍ଧିଜୀବୀନୁହନ୍ତି । ମଫସଲରେ ମଧ୍ୟ ଏପରି ଅନେକ ଲୋକ ଅଛନ୍ତି ଯେଉଁମାନଙ୍କର ପାଠନାହିଁ, କିନ୍ତୁ ଶାଠ ଅଛି । ସେମାନଙ୍କ ବୁଦ୍ଧି ସହିତ ଅନେକ ପାଠୁଆ ଲୋକ ମଧ୍ୟ ସମକକ୍ଷ ହେବେନାହିଁ । ଏହି ଶାଠ ସାହାଯ୍ୟରେ ସେମାନେ ସୁକର୍ମ କରୁଛନ୍ତି, କୁକର୍ମ ମଧ୍ୟ କରୁଛନ୍ତି । ପାଠୁଆ ଲୋକମାନେ ଯେ ସୁକର୍ମ କରୁଛନ୍ତି ତାହାନୁହେଁ, ସେମାନଙ୍କ ଭିତରେ ବି କୁକର୍ମ କରିବାବାଲା ଅନେକ ଅଛନ୍ତି । ତେବେ ଯେଉଁମାନେ କହୁଛନ୍ତି ଯେ ବୁଦ୍ଧିଜୀବୀମାନେ ଜାତୀୟ ସ୍ରୋତରେ ନିଜକୁ ସାମିଲ କରିବା ଆବଶ୍ୟକ, ସେମାନଙ୍କର ବୋଧହୁଏ ମତ ହେଉଛି ଯେ ଯେଉଁମାନେ ପାଠୁଆ ସେମାନେ ଦେଶ ପାଇଁ କିଛି କାମ କରନ୍ତୁ । ଶିକ୍ଷିତ ଲୋକମାନେ ଭଲକାମ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରନ୍ତୁ । ପ୍ରତ୍ୟେକ କଥାର ଭଲମନ୍ଦ ଦିଗ ବିଷୟରେ ଲୋକମାନଙ୍କୁ ଭଲଭାବରେ ବୁଝାନ୍ତୁ । ଯେତେବେଳେ ଦେଶ ଆଗରେ କିଛି ସମସ୍ୟା ଦେଖାଯାଉଛି, ସେତେବେଳେ ଶିକ୍ଷିତବର୍ଗ ତାହାର ସମାଧାନ ଦିଗରେ ନେତୃତ୍ୱ ନିଅନ୍ତୁ । ତେବେ ଯାଇ ଜାତୀୟ ସ୍ରୋତରେ ବୁଦ୍ଧିଜୀବୀମାନଙ୍କ ସ୍ଥାନ ଆପଣାଛାଏଁ ନିଶ୍ଚିତ ହୋଇଯିବ ।

(i) ମଫସଲରେ କିଭଳି ଲୋକ ଦେଖାଯାଆନ୍ତି ?

(ii) ଜାତୀୟ ସ୍ରୋତରେ ବୁଦ୍ଧିଜୀବୀମାନଙ୍କ ସ୍ଥାନ କିପରି ନିଶ୍ଚିତ ହେବ ?

(iii) ଶିକ୍ଷିତଲୋକେ କାହିଁକି ଭଲକାମ କରିବା ଆବଶ୍ୟକ ?

(iv) କେଉଁମାନେ କୁକର୍ମ କରୁଛନ୍ତି ?

(v) ବୁଦ୍ଧିଜୀବୀ କାହାକୁ କୁହାଯିବ ?

## SECTION- B

2. ଯେକୌଣସି ଗୋଟିଏ ବିଷୟରେ ରଚନା ଲେଖ । 1 x 6 = 6

   (i) ପ୍ରଦୂଷଣ ରୋକିବାରେ ବିଜ୍ଞାନର ଭୂମିକା

   (ii) ପର୍ଯ୍ୟଟନଶିଳ୍ପର ବିକାଶ

   (iii) ଆତ୍ମନିଯୁକ୍ତିମୂଳକ ଶିକ୍ଷା

3. 'ବିଦ୍ୟାଳୟରେ ପ୍ରକଳ୍ପ ପ୍ରଦର୍ଶନୀ' ଶୀର୍ଷକ ତୁମର ଏକ ଲେଖା ପ୍ରକାଶନ ନିମନ୍ତେ ଅନୁରୋଧ ଜଣାଇ ସ୍ଥାନୀୟ ସମ୍ବାଦପତ୍ର ସମ୍ପାଦକଙ୍କୁ ପତ୍ର ଲେଖ ।

   OR (କିମ୍ବା) 1 x 6 = 6

   'ଗାନ୍ଧୀବାଦର ପ୍ରାସଙ୍ଗିକତା' ଶୀର୍ଷକ ତୁମ ଲିଖିତ ଏକ ପ୍ରବନ୍ଧ ପ୍ରକାଶନ ନିମନ୍ତେ ଅନୁରୋଧ ଜଣାଇ କୌଣସି ଏକ ସମ୍ବାଦପତ୍ର ସମ୍ପାଦକଙ୍କୁ ପତ୍ର ଲେଖ ।

   (ବି.ଦ୍ର:- ପ୍ରକୃତ ନାମ ବା ଠିକଣା ବଦଳରେ 'କ' ବା 'ଖ' ପରି କାଳ୍ପନିକ ନାମ ବା ଠିକଣା ବ୍ୟବହାର କରାଯିବ ।)

## SECTION- C

4. ଲକ୍ଷଣ, ଉଦାହରଣ ଓ ଯତିପାତ ସହ ଯେକୌଣସି ଗୋଟିଏ ଛନ୍ଦକୁ ବୁଝାଇ ଲେଖ । 1 x 4=4

   (i) ନଟବାଣୀ

   (ii) ରାମକେରୀ

5. ସୂଚନା ଅନୁସାରେ ବାକ୍ୟଗୁଡ଼ିକୁ ପରିବର୍ତ୍ତନ କରି ଲେଖ । (ଯେକୌଣସି 2ଟିର) 2 x 1=2

   (i) ଯେ ବିଦ୍ୱାନ, ସେ ସର୍ବଦା ସତ୍ୟର ନିରାଜନା କରେ । (ସରଳବାକ୍ୟ କର)

   (ii) ତୁମେ ନିର୍ଭୁଲ ଉତ୍ତର ଲେଖିଲେ ପୂରା ନମ୍ବର ପାଇବ । (ଯୌଗିକବାକ୍ୟ କର)

   (iii) ମୁଁ ସଭାସ୍ଥଳରେ ପହଞ୍ଚିଲା ବେଳେ ସେଠାରେ କେହି ନଥିଲେ । (ଜଟିଳବାକ୍ୟ କର)

6. ନିମ୍ନଲିଖିତ ରୂଢ଼ିଗୁଡ଼ିକୁ ବ୍ୟବହାର କରି ବାକ୍ୟଗଠନ କର । (ଯେକୌଣସି 2 ଟିର) 2 x 1=2

   (i) ବାଆକୁ ବତା

   (ii) ମନ ଘର ଧରିବା

   (iii) ସିଂହ ପରି ଯୁଝିବା

7. ଶୁଦ୍ଧ ପ୍ରୟୋଗ ଆଧାରରେ ଠିକ କରି ଲେଖ । (ଯେକୌଣସି 2ଟିର) 2 x 1=2

   (i) ସାହାସ

   (ii) ସାଶ୍ୱାସିକ

   (iii) ଅଭୁଦୟ

## SECTION- D

8. ସପ୍ରସଙ୍ଗ ସରଳାର୍ଥ ଲେଖ । (ଯେକୌଣସି 1ଟିର) 1 x 5=5

(i) ଏମାନେ ପୁଷ୍ପିତ ପଳାଶବନରେ ଦେଖନ୍ତି ବିଦ୍ରୋହର ବହ୍ନି, ସ୍ଥଳପଦ୍ମରେ ଦେଖନ୍ତି ଆହବର ରକ୍ତ ଓ ଆନତ କୃଷ୍ଣଚୂଡ଼ାରେ ଦେଖନ୍ତି ଅନାଗତ ଯୁଗର ରକ୍ତକେତନ ।

(ii) ଭାରତୀୟ ଦର୍ଶନରେ, ମନୁଷ୍ୟର ସେବା ହିଁ ଈଶ୍ୱରସେବା ।

9. ସଂକ୍ଷେପରେ ଉତ୍ତର ଲେଖ । (ଯେକୌଣସି 3 ଟିର) 3 x 2=6

(i) ଶ୍ରୀକୃଷ୍ଣଙ୍କ ବଂଶର ଶେଷ ଅବସ୍ଥା କ'ଣ ହୋଇଥିଲା ?

(ii) ଗୃହସ୍ଥର ପଥ କେତେବେଳେ ସମ୍ପୂର୍ଣ୍ଣ ପୃଥକ ହୋଇଯାଏ ?

(iii) ଆମ୍ଭେମାନେ ଜ୍ଞାନର ସୀମା କିପରି ବିସ୍ତୃତ କରିଥାଉଁ ?

(iv) କୃଷିବିଷୟକ ଶିକ୍ଷା ମାତୃଭାଷାରେ ହେଲେ କି ସୁଫଳ ହୁଅନ୍ତା ?

(v) ସମାଧିରେ ବୁଡ଼ି ନଯିବା ପାଇଁ ଶ୍ରୀରାମକୃଷ୍ଣ ନରେନ୍ଙ୍କୁ କାହିଁକି କହିଥିଲେ ?

10. ଉତ୍ତର ପର୍ଯ୍ୟାୟରୁ ଠିକ୍ ଉତ୍ତରଗୁଡ଼ିକୁ ବାଛି ଲେଖ । 10 x 1=10

(i) ସ୍ୱର୍ଣ୍ଣ-ଶୀର୍ଷ ଧାନ୍ୟରେ ଗ୍ରାମଭୂମି କେବେ ପୂର୍ଣ୍ଣ ହୋଇଯାଏ ?

(A) ଶରତରେ (B) ହେମନ୍ତରେ

(C) ବସନ୍ତରେ (D) ବର୍ଷାରେ

(ii) ବହୁ ପଲ୍ଲୀ-ଜନନୀ କାହାକୁ ହରାଇ ବସିଛନ୍ତି ?

(A) ଶିକ୍ଷିତ ସନ୍ତାନଙ୍କୁ (B) ବନ୍ଧୁମାନଙ୍କୁ

(C) ପରିବାରଲୋକଙ୍କୁ (D) ଶ୍ରୀକୃଷ୍ଣଙ୍କୁ

(iii) ଭାରତର ବୈଶିଷ୍ଟ୍ୟ କ'ଣ ?

(A) ଧାର୍ମିକ ଚିନ୍ତାଧାରା (B) ସମାଜସେବା

(C) ଆଧ୍ୟାତ୍ମିକତା (D) ଶାନ୍ତିପୂର୍ଣ୍ଣ ସହାବସ୍ଥାନ

(iv) ଜଡ଼ବିଜ୍ଞାନ ମୂଳରେ କେଉଁ ଶାସ୍ତ୍ର ନିହିତ ?

(A) ଦର୍ଶନ (B) ବିଜ୍ଞାନ

(C) ସାହିତ୍ୟ (D) ଗଣିତ

(v) କଲ୍ୟାଣକର ବୋଲି ଅନେକେ କାହାକୁ ବିଚାରିଥାନ୍ତି ?

(A) ଅଜ୍ଞତା (B) ବିଜ୍ଞତା

(C) ସାଧୁତା (D) ନିରକ୍ଷରତା

(vi) ଅନ୍ନଦାଶଙ୍କରଙ୍କ ମାତୃଭାଷା କ'ଣ ଥିଲା ?

(A) ଓଡ଼ିଆ (B) ବଙ୍ଗଳା

(C) ଇଂରାଜି (D) ହିନ୍ଦୀ

(vii) ଆମଜାତି ଉପରେ ଇନ୍ଦ୍ରଜାଲ କିଏ ସୃଷ୍ଟି କରିଛି ?

(A) ମାତୃଭାଷା (B) ଦାରିଦ୍ର୍ୟ

(C) ଇଂରେଜିଭାଷା (D) ସାମୂହିକ ଶିକ୍ଷା

(viii) 'ମାତୃଭାଷା ଓ ଲୋକଶିକ୍ଷା' ପ୍ରବନ୍ଧଟି କେଉଁ ବହିରୁ ସଂଗୃହୀତ ?

(A) ମଣିଷର ଭାଷା (B) ଓଡ଼ିଆ କେବେ

(C) ଭାଷାଶାସ୍ତ୍ର ପରିଚୟ (D) ବିଚାର ଆଲୋଚନା

(ix) ଅନୁସରଣ କରିବାରେ କାହାକୁ ଆଦର୍ଶ ବୋଲି କୁହାଯାଇଛି ?

(A) ସନ୍ନ୍ୟାସୀ (B) ବାଇଜୀ

(C) ରାଜାମହାରାଜା (D) କୁକୁର

(x) ନରେନ୍‌ରୁ ବିବେକାନନ୍ଦଙ୍କୁ ଜନ୍ମ ଦେବା ପାଇଁ ଏନ୍ତୁଡ଼ିଶାଳ କେଉଁଟି ଥିଲା ?

(A) ଦକ୍ଷିଣେଶ୍ୱର (B) ବରାହନଗର

(C) ଚିକାଗୋ (D) ମାଡ୍ରାସ

11. ସପ୍ରସଙ୍ଗ ସରଳାର୍ଥ ଲେଖ । (ଯେକୌଣସି 1 ଟିର) 1 x 5=5

(i) ନଳିନୀ ପତ୍ରରେ ଯେହ୍ନେ ପଡନ୍ତେଣ ପାଣି
ପୃଥିବୀ ଦଲଦଲିତ କମ୍ପଇ ମେଦିନୀ ।

(ii) ଅମାପ ଧରିଯୁଁ ଦେଏ ଟିକେ ମତେ
ନିଦା ହେଉ ମୋର ଛାତି
ନିଜେ ଦୁଃଖ ସହି ଏ ଜଗତ ପାଇଁ
ଲାଗିପଡ଼େ ଦିନ ରାତି ।

12. ସଂକ୍ଷେପରେ ଉତ୍ତର ଲେଖ । (ଯେକୌଣସି 3 ଟିର) 3 x 2=6

(i) ପର୍ବତମାଳାଗୁଡ଼ିକ ଉତ୍କଳ ଜନନୀଙ୍କ ଦେହରେ କିଭଳି ଭାବେ ଶୋଭାପାଉଛି ?

(ii) ସିନ୍ଧୁକୁ ପୋତିବା ପାଇଁ ରାମଚନ୍ଦ୍ର କାହିଁକି ସ୍ଥିର କଲେ ?

(iii) 'ଗଲାଣି ତ ଗଲା କଥାରେ ସଙ୍ଗାତ'ର ଅର୍ଥ କ'ଣ ?

(iv) ସୀତାଙ୍କୁ ଅଭିନନ୍ଦନ ଜଣାଇବା ପାଇଁ ଉଷା କି ବ୍ୟବସ୍ଥାମାନ କରାଇଥିଲେ ?

(v) ବନ୍ଧନହରା କେଉଁମାନଙ୍କ ଉଦ୍ଦେଶ୍ୟରେ କୁହାଯାଇଛି ?

13. ଉତ୍ତର ପର୍ଯ୍ୟାୟରୁ ଠିକ୍ ଉତ୍ତରଗୁଡ଼ିକୁ ବାଛି ଲେଖ । 10 x 1 =10

(i) ଉତ୍କଳ ଜନନୀଙ୍କ ଶରୀରକୁ କିଏ ଧୋଇ ଦେଉଛି ?

(A) ନଦୀ (B) ଝରଣା

(C) ସମୁଦ୍ର (D) ବାରିପାତ

(ii) ନିମ୍ନୋକ୍ତ ମଧ୍ୟରୁ କେଉଁଟି ସପ୍ତସାଗର ଅନ୍ତର୍ଭୁକ୍ତ ନୁହେଁ ?

(A) ଇକ୍ଷୁ (B) ଲୋତକ

(C) ଜଳ (D) ସୁରା

(iii) ଶଙ୍ଖ କହିଲେ କେଉଁ ସଂଖ୍ୟାକୁ ବୁଝାଏ ?

(A) ଏକ ଲକ୍ଷ (B) ଏକ କୋଟି

(C) ଏକ ହଜାର କୋଟି (D) ଏକ ଲକ୍ଷ କୋଟି

(iv) ଝିଙ୍କାରି କାହାର ପ୍ରଭାବ ପ୍ରଚାର କରୁଛି ?

(A) ଚିଲିକା (B) ନିଶୀଥିନୀ

(C) କଳି (D) ଲୋକାଳୟ

(v) ସୀତାଙ୍କର ଅନ୍ୟନାମ ବୈଦେହୀ, କାରଣ ସେ-

(A) ବିଦେହର କନ୍ୟା (B) ବିଶେଷ ଦେହଧାରିଣୀ କନ୍ୟା

(C) ଦେହହୀନା କନ୍ୟା (D) ବିଦେଶିନୀ କନ୍ୟା

(vi) କେଉଁଠାରେ ଅମରଗାନ ଗାଇବା ପାଇଁ କବି କହିଛନ୍ତି ?

(A) ତିମିରକାରାରେ (B) ଭୁବନସାରା

(C) ଲକ୍ଷଜୀବନେ (D) ମରଣ ଦୁଆରେ

(vii) ଗଛଲତାର ଫଳ କବୀଙ୍କୁ କ'ଣ ଦେଇଛି ?

(A) ଶାନ୍ତିନିଦ୍ରା (B) ଶକ୍ତି ଓ ତୃପ୍ତି

(C) ଚେତନା (D) ହସଖୁସି

(viii) ଶ୍ରେଷ୍ଠ କବିମାନେ କାହାର କୀର୍ତ୍ତିବନ୍ଦନା କରୁଛନ୍ତି ?

(A) ମହାପୁରୁଷଙ୍କର (B) ପୂର୍ବପୁରୁଷଙ୍କର

(C) ଉତ୍କଳ ଜନନୀଙ୍କର (D) ଯୋଗୀଋଷିଙ୍କର

(ix) ସଙ୍ଗୀତ ପ୍ରଭାବରେ ମନ କେଉଁଠି ବିଚରଣ କରେ ବୋଲି କବିତାରେ କୁହାଯାଇଛି ?

(A) ଚିଲିକା ତଟରେ (B) ଅତୀନ୍ଦ୍ରିୟ ଦେଶରେ

(C) ଭାଲେରି ଶିଖରେ (D) ବନସ୍ଥଳୀରେ

(x) ସନ୍ଧାନପଥରେ କିଏ ଶିର ଟେକି ରହିଥାଏ ?

(A) କଣ୍ଟକ (B) ତନ୍ଦ୍ରା

(C) ଅର୍ଗଳ (D) ପୀଡ଼ନ

14. ସଂକ୍ଷେପରେ ଉତ୍ତର ଲେଖ । (ଯେକୌଣସି 6 ଟିର) 6 x 1=6

(i) ଲେଖକଙ୍କ କେଉଁ ପଦିଏ କଥାରେ କାଠୁରିଆ ଲାଲଲାଲ ଆଖିରେ ଚାହିଁଲା ?

(ii) କାଠୁରିଆ ସକାଳୁ କ'ଣ ପିଇ ଆସିଥିଲା ?

(iii) ରାଜେଶ୍ୱରୀ କାହା ସହ ଯୁଦ୍ଧ କରି ମୃତ୍ୟୁବରଣ କଲେ ?

(iv) ରାଜନୀତିର ବ୍ରହ୍ମାସ୍ତ୍ର କ'ଣ ?

(v) ବାସନଧୁଆ ଟୋକାଟା କେଉଁଠି ଶୋଇଥିଲା ?

(vi) ମାଡ୍ରାସରୁ ରାଉରକେଲା ମହାପାତ୍ର ସାଧାରଣତଃ କେଉଁଥିରେ ଯାଆନ୍ତି ?

(vii) ସୁବ୍ରତ କି ଚାକିରି କରନ୍ତି ?

(viii) "ସୂର୍ଯ୍ୟଦେବ ସ୍ୱୟଂ ନାରାୟଣ"- ଏହା କିଏ କହିଛନ୍ତି ?

◈◈◈